# Akashvani, Sambalpur

## SAMBALPURI NEWS BULLETIN

### 9 August 2024- 6.47- 6.52 am.

*******************************************

ପେରିସ୍ ଅଲମ୍ପିକ୍ସ-ହକି -ବ୍ରୋଞ୍ଜ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ପେରିସ୍ ଅଲମ୍ପିକ୍ସ ନ ହକିଥି ଭାରତ୍ ସ୍ପେନ୍‌କେ ୨-୧ ଗୋଲ୍‌ଥି ହରେଇକରି ବ୍ରୋଞ୍ଜ୍ ପଦକ୍ ଜିତିଛେ । ଇ ଜିତ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭାରତୀୟ ଦଲ୍‌କେ ଶୁଭେଚ୍ଛା ଜନେଇକରି ପୁରସ୍କାର୍ ଘୋଷ୍‌ନା କରିଛନ୍ । ଫି' ଖେଲାଲୀଙ୍କୁ ୧୫ ଲାଖ୍ ଟଙ୍କା ଆଉ ଫି' ସପୋର୍ଟ ଷ୍ଟାଫ୍‌ଙ୍କୁ ୧୦ ଲାଖ୍ ଟଙ୍କା ଲେଖା ପୁରସ୍କାର୍ ଦିଆଯିବା । ଓଡ଼ିଆ ଖେଲାଲି ଅମିତ୍ ରୋହିଦାସ୍‌ଙ୍କୁ ୪ କୋଟି ଟଙ୍କାର୍ ସ୍ୱତନ୍ତ୍ର ପୁରସ୍କାର୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ ।

ଓଡ଼ିଶା ଖଣି ନିଗମ-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ  ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଓଡ଼ିଶା ଖଣି ନିଗମ୍‌ର ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍ । ଖଣି ନିଗମ୍ ସର୍‌କାର୍‌ଙ୍କର୍ ଗୁରୁତ୍ୱପୂର୍ଣ୍ଣ ନିଗମ୍ ହେଇଥିବାର୍‌ନୁ ଖଣି କ୍ଷେତ୍ରକେ ଆହୁରି ଦକ୍ଷତାର୍ ସହେତେ ପରିଚାଲନା କଲେ ଅଏତ୍‌କା ରାଜସ୍ୱ ଆଏବା ସହେତେ ଖଣିଭିତିକ ଶିକ୍ଷାନୁଷ୍ଠାନ୍‌ମାନେ ଅଏତ୍‌କା ଲାଭବାନ୍ ହେବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଅତ୍ୟାଧୁନିକ୍ ଜ୍ଞାନ୍‌କୌଶଲ୍‌ଥି ସର୍ଭେ କରାଯାଇକରି ରାଜ୍ୟର୍ ଖଣି ସମ୍ପଦ୍‌ର ଆକଲନ୍ ଉପ୍‌ରେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇଥିଲେ ।

ହର୍‌ଘର୍ ତ୍ରିରଙ୍ଗା            ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ୧୩ ତାରିଖ୍‌ନୁ ୧୫ ତାରିଖ୍‌ତକ୍ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ଲାଗି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟଶାସନ୍ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଫି’ ଜିଲ୍ଲା ବ୍ଲକ୍ ସହେତେ ପଂଚାୟତ୍‌ସ୍ତର୍ ନ ହର୍‌ଘର୍ ତ୍ରିରଙ୍ଗା ଆୟୋଜନ୍ କର୍‌ବାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । କେନ୍ଦ୍ର

ସର୍କାର୍ଙ୍କର୍ ସଂସ୍କୃତି ଆଉ ପର୍ଯ୍ୟଟନ୍ ବିଭାଗ୍ ତର୍ଫୁ ଓଡ଼ିଶାର୍ ମୁଖ୍ୟମନ୍ତ୍ରୀଙ୍କର୍ ପାଖ୍କେ ଲେଖାଯାଇଥିବା ଚିଠି ଆଧାର୍ଥି ରାଏଜେ ହର୍ଘର୍ ତ୍ରିରଙ୍ଗା ଅଭିଯାନ୍ ହେବା । ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍, ସୂଚନା ଆଉ ଲୋକସମ୍ପର୍କ ବିଭାଗ୍, ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍, ବିଦ୍ୟାଳୟ ଆଉ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ୍ ଶକ୍ତି, ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍ର ମିଲିତ୍ ସହଯୋଗ୍ଥି ଇ କାର୍ଯ୍ୟକ୍ରମ୍ ହେବା । ବୈଠକ୍ଥି ଫି’ ଜିଲ୍ଲାର୍ ବ୍ଲକ୍ ସହେତେ ପଂଚାୟତ୍ସ୍ତର୍ ନ ଭିଲ୍ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କର୍ବାର୍ ବାବ୍ଦେ ଆଲୋଚନା କରାଯାଇଥିଲା ।

ହର୍ଘର୍ ତ୍ରିରଙ୍ଗା-କେନ୍ଦ୍ରମନ୍ତ୍ରୀ ଆର୍ଏନ୍ୟୁ / ସମ୍ବଲପୁର

ସ୍ୱାଧୀନତା ଦିବସ୍ ପାଲନ୍ ଉପଲକ୍ଷେ ଆଏଜ୍ଠାନୁ ୧୫ ତାରିଖ୍ତକ୍ ହର୍ଘର୍ ତ୍ରିରଙ୍ଗା ପାଲନ୍ କରାଯିବା ବଲି କେନ୍ଦ୍ର ସଂସ୍କୃତି ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଘୋଷ୍ନା କରିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ମନ୍ତ୍ରୀ ଶ୍ରୀ ଶେଖାୱତ୍ କହିଛନ୍ ଯେ, ଫି’ ଭାରତୀୟଙ୍କୁ ଜାତୀୟ ପତାକା ତ୍ରିରଙ୍ଗା ଉତୋଲନ୍ ଲାଗି

ଉତ୍ସାହିତ୍ କରିକରି ଲୁକ୍‌କର୍ ଭିତ୍‌ରେ ଦେଶ୍‌ପ୍ରେମ୍ ଆର୍ ଗୌରବ୍ ଭାବନା ଜାଗ୍ରତ୍ କର୍‌ବାର୍‌ଟା ଇ ପଦକ୍ଷେପ୍‌ର ଲକ୍ଷ୍ୟ ଆଏ । ନିଜର୍ ଘର୍‌ମାନ୍‌କେ ତ୍ରିରଙ୍ଗା ଉତୋଲନ୍ କରିକରି ପତାକା ସହେତେ ସେଲ୍‌ଫି ଉଠେଇକରି ହର୍‌ଘର୍ ତ୍ରିରଙ୍ଗା ଡଟ୍‌କମ୍‌ଥି ଅପ୍‌ଲୋଡ୍ କର୍‌ବାର୍‌କେ କେନ୍ଦ୍ରମନ୍ତ୍ରୀ ଲୁକ୍‌କୁ ଅନୁରୋଧ୍ କରିଛନ୍ ।

ଆଲୁ- ନାଫେଡ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଲୁ ସମସ୍ୟା ଦୂର୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ନାଫେଡ୍ ଜରିଏ ଆଲୁ ଘିନ୍‌ବାର୍ ସହେତେ ଖାଉଟୀ ମାନ୍‌କୁ କେଜିକ ୩୦ ଟଙ୍କାଥି ଯୁଗେଇ ଦେବାର୍‌କେ ନିଷ୍ପତି ନିଆଯାଇଛେ ବଲି ଯୋଗାଣ ଆଉ ଖାଉଟୀ କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇଥିର୍‌ଲାଗି ପହେଲା ଖେପେ ନାଫେଡ୍ ଜରିଏ ୩ ଶହ ମେଟ୍ରିକ୍ ଟନ୍ ଆଲୁ ଲାଗି ଅର୍ଡର୍ ଦିଆଯାଇଛେ । ଇଟା ଆଏବ ହପ୍ତେ ଭିତ୍‌ରେ ମିଲ୍‌ବା । ପହେଲା କ୍ଷେପେ ଭୁବ୍‌ନେଶ୍ୱର୍, କଟକ୍, ରାଉର୍‌କେଲା, ସମ୍ବଲ୍‌ପୁର୍ ଆଉ ବ୍ରହ୍ମପୁର ନ ସର୍‌କାରୀ ଖୁଚୁରା ଦୁକାନ୍ ଜରିଏ ମିଲ୍‌ବା ବଲି ମନ୍ତ୍ରୀ ଶ୍ରୀ

ପାତ୍ର କହିଛନ୍ । ବିକ୍ରି ଲାଗି ଦର୍କାରୀ ପଦକ୍ଷେପ୍ ନେବାର୍କେ ମନ୍ତ୍ରୀ ଯୋଗାଣ ବିଭାଗ୍ର ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପରିବହନ୍ ବିଭାଗ୍          ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ ଗାଁ ଗହଲ୍ ନ ଦୁର୍ଘଟଣା କମାବାର୍ ବାବ୍ଦେ ଭୁବନେଶ୍ୱର୍ ଖାରବେଲ ଭବନ୍ ନ ଗୁଟେ ବୈଠକ୍ ହେଇଯାଇଛେ । ପରିବହନ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଉଷା ପାଢ଼ୀ ଆଉ ପରିବହନ୍ କମିଶନର୍ ଅମିତାଭ୍ ଠାକୁର୍ - ଆଇଆଇଟି ମାଡ୍ରାସ୍ର ଗୁଟେ ପ୍ରତିନିଧି ଦଲ୍ ସାଙ୍ଗେ ଇ ବାବ୍ଦେ ଆଲୋଚନା କରିଛନ୍ ।

ଇଥି ଆଧୁନିକ୍ ଜ୍ଞାନ୍ କୌଶଲ୍ ଆଉ ଭଲ୍ ଢଙ୍ଗେ ସଡ଼କ୍ ସୁରକ୍ଷା କାମ୍କେ କେନ୍ତା ପରିଚାଲନା କରାଯିବା ତାର୍ ଉପ୍ରେ ଜୋର୍ ଦିଆଯାଇଥିଲା ।

ଅଗଷ୍ଟ କ୍ରାନ୍ତି ଦିବସ୍-ଜନଜାତି ଦିବସ୍     ଆର୍ଏନ୍ୟୁ ସମ୍ବଲପୁର୍

ଦେଶର୍ ସ୍ୱାଧୀନତା ସଂଗ୍ରାମର ସବୁନୁ ବଡ଼ ବ୍ରିଟିଶ ବିରୋଧୀ ଆନ୍ଦୋଲନ୍ ଆଜିର୍ ଦିନେ ମୁଲ୍ ହେଇଥିଲା । ଆଜିର୍ ଆନ୍ଦୋଲନ୍କେ ଅଗଷ୍ଟ କ୍ରାନ୍ତି ଦିବସ୍ ଭାବେ ସାରା ଦେଶେ

ପାଲନ୍ କରାଯାଉଛେ । ୮୧ ବଛର୍ ଆଘୋନୁ ୧୯୪୨ ମସିହା ଆଝିର୍ ଦିନେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର୍ ଭାରତ୍‌ଛାଡ଼୍ ଆନ୍ଦୋଲନ୍ ଡାକ୍‌ରାଥି ସାରା ଦେଶେ ବ୍ରିଟିଶ୍ ସାମ୍ରାଜ୍ୟ ବିରୋଧ୍ ନ ଦେଶ୍‌ବାସୀ ଜୋର୍‌ଦାର୍ ଉଲ୍‌ଗୁଲାନ୍ କରିଥିଲେ ।
ସେନ୍ତା ଆଏଜ୍ ହେଉଛେ ଆନ୍ତର୍ଜାତୀୟ ଜନଜାତି ଦିବସ୍ । ପୁର୍‌ଥିର୍ ଭିନ୍ ଭିନ୍ ଦେଶର୍ ଜନଜାତି ଲୁକ୍‌କର୍ ଅଧିକାର୍ ଆର୍ ସୁରକ୍ଷା ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍‌କେ ଜାତିସଂଘର୍ ସାଧାରଣ ପରିଷଦ୍‌ର ନିଷ୍ପତି ଅନ୍‌ସାରେ ଇ ଦିନ୍ ପାଲନ୍ କରାଯାଉଛେ ।

ବସ୍ ଦୁର୍ଘଟଣା        ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ନୁ ଦାମନ୍‌ଯୋଡ଼ି ଯାଉଥିବା ଗୁଟେ ଘରୋଇ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗସ୍ତ ହେଇଛେ । ଗଲାକାଏଲ୍ ରାତି ୧ ବଜେ ବର୍‌ଗଡ଼୍ ପାଖର୍ ବାଲିଜୁରି ଠାନେ ଭାରସାମ୍ୟ ହରେଇକରି ବସ୍ ରାସ୍ତାତଲ୍‌କେ ଉଲ୍‌ଟିପଡ଼ିଥିଲା । ଇଥି ୩୦ ଝନ୍ ଯାତ୍ରୀ ଥିଲେ । ସେମାନ୍‌କର୍ ଭିତ୍‌ରୁ ଆହତ୍ ଯାତ୍ରୀମାନ୍‌କୁ ବର୍‌ଗଡ଼୍ ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା ନ ଭର୍ତି କରାଯାଇଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ କଟକ୍

ମୌସୁମୀ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏଜ୍ ଝାରସୁଗୁଡ଼ା, ସୁନ୍ଦର୍‌ଗଡ୍, ସମ୍ବଲପୁର୍, ବର୍‌ଗଡ୍ ଆର୍ କେନ୍ଦୁଝର୍ ଜିଲ୍ଲା ନ ଜବର୍ ବର୍ଷାକେ ନେଇକରି ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ସବୁ ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ୭ ନୁ ୧୧ ସେଂଟିମିଟର୍‌ତକ୍ ବର୍ଷା ହେଇପାରେ ।